ଗୁଡ୍ ବାଏ ଇଣ୍ଡିଆ, ୱେଲକମ୍ ଇଣ୍ଡିଆନ୍ ପ୍ରିମିୟର ଲିଗ୍

ୟୁଏଇରେ ରାଜ୍ କରିବେ ଧୋନି

ନୂଆଦିଲ୍ଲୀ,୧୫।୯/ଏଜେନ୍ସି: ଭାରତୀୟ କ୍ରିକେଟର ଚମକପ୍ରଦ ଖେଳାଳି ମହେନ୍ଦ୍ର ସିଂ ଧୋନି ଏବେ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି। କିନ୍ତୁ ଇଣ୍ଡିଆନ୍ ପ୍ରିମିୟର ଲିଗ (ଆଇପିଏଲ୍)ରେ ସେ ହେଉଛନ୍ତି ଜଣେ ପ୍ରେରଣାଦାୟୀ ଓ ବିରାଟ ଖେଳାଳି। ତାଙ୍କ ଖେଳରେ ଯେଉଁ ଚମକ ରହିଛି, ସେଥିରେ କେବଳ ଯୁବ ଖେଳାଳି ନୁହଁନ୍ତି, ବିଶ୍ୱର କ୍ରିକେଟ ପ୍ରେମୀ ଆକୃଷ୍ଟ ହୋଇଥାନ୍ତି। ଆଇପିଏଲ୍‌ରେ ତାଙ୍କର ରହିଛି ସ୍ୱତନ୍ତ୍ର ମର୍ଯ୍ୟାଦା ଓ ବୃହତ୍ ଆକର୍ଷଣ। ଏହାର କାରଣ ତାଙ୍କର ଅବିଶ୍ୱସନୀୟ ଖେଳ ଓ ତାଙ୍କ ନେତୃତ୍ୱରେ ଚେନ୍ନାଇ ସୁପର କିଙ୍ଗ୍‌ସ ଶେଷ ହୋଇଥିବା ୧୨ଟି ଆଇପିଏଲ୍‌ରେ ୩ଥର ଚାମ୍ପିଅନ୍, ୫ଥର ରନର୍ସ ଅପ୍ ସମେତ ପ୍ରତ୍ୟେକଥର ପ୍ଲେ ଅଫ୍‌ରେ ପ୍ରବେଶ କରିବାରେ ରହିଛି ଧୋନିଙ୍କର ପ୍ରଚ୍ଛନ୍ନ ହାତ। ଏଭଳି ସମୟରେ ସେପ୍ଟେମ୍ବର ୧୯ରୁ ୟୁଏଇରେ ଆରମ୍ଭ ହେବାକୁ ଯାଉଛି ଆଇପିଏଲ୍‌ର ତ୍ରୟୋଦଶ ସଂସ୍କରଣ। ଉଦ୍‌ଘାଟନୀ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ସହ ମୁକାବିଲା କରିବାକୁ ଧୋନିଙ୍କ ନେତୃତ୍ୱ ଚେନ୍ନାଇ ସୁପର କିଙ୍ଗ୍‌ସ ପ୍ରସ୍ତୁତ।

୨୦୧୯ ଦିନିକିଆ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ଖେଳିବା ପରେ ଧୋନି ଭାରତ ଲାଗି ଆଉ କୌଣସି ମ୍ୟାଚ୍ ଖେଳିନାହାନ୍ତି। ଏହାର ବର୍ଷକ ପରେ ସେ କୌଣସି ପ୍ରକାରର ପ୍ରତିଯୋଗିତାମୂଳକ କ୍ରିକେଟ ପ୍ରଥମଥର ଲାଗି ଖେଳିବାକୁ ଯାଉଛନ୍ତି। ଦୀର୍ଘ ୧୬ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ପରେ ଗତମାସ ସେ ସମସ୍ତ ପ୍ରକାର ଫର୍ମାଟରୁ ଅବସର ନେବାକୁ ଘୋଷଣା କରିଛନ୍ତି। ଏବେ ତାଙ୍କ ଉପରେ ଆଉ ଭାରତୀୟ ଦଳରେ ସ୍ଥାନ ବଜାୟ ରଖିବାର ଚାପ ନାହିଁ। ଏବେ ସେ ଆଇପିଏଲ୍‌ରେ ତାଙ୍କର ସମସ୍ତ ଶକ୍ତି ବିନିଯୋଗ କରିବେ ବୋଲି ଆଶା କରାଯାଉଛି। କରୋନା ଭାଇରସ୍ ଯୋଗୁଁ ଭାରତରେ ଆଇପିଏଲ୍ ଆୟୋଜିତ ହୋଇ ନପାରିବାକୁ ତାହାକୁ ୟୁଏଇକୁ ସ୍ଥାନାନ୍ତର କରାଯାଇଛି। ଏବେ ୟୁଏଇ ଆଇପିଏଲ୍‌ର ଅସ୍ଥାୟୀ ଘରରେ ପରିଣତ ହୋଇଛି। ଏହି ଘରେ ଧୋନିଙ୍କ ଧମାକାଦାର ଚମକ ଦେଖିବାକୁ ମିଳିବ ବୋଲି ସମସ୍ତେ ଆଶା ରଖିଛନ୍ତି। ତାଙ୍କ ସମର୍ଥକଙ୍କ ମତରେ ଧୋନି ଆଇପିଏଲ୍‌ରେ ରାଜ କରିବେ।

ପୂର୍ବତନ ଓ୍ୱିକେଟରକ୍ଷକ ସୟଦ୍ ସବାକରିମ୍‌ଙ୍କ ନେତୃତ୍ୱରେ ଧୋନି ଏବେ ପୁରା ଫିଟ୍। ନିଜକୁ ଫିଟ୍ ରଖିବାକୁ ସେ କଠିନ ପରିଶ୍ରମ କରୁଛନ୍ତି। ତାଙ୍କ ଦେହ ଓ ମନ ଉପରେ ବହୁତ୍ କମ୍ ଚାପ ଥିବାରୁ ସେ ଖୋଲା ଖୋଲି ଖେଳିବେ ବୋଲି କରିମ୍ କହିଛନ୍ତି। କେବଳ ଭାରତରେ ନୁହେଁ, ଧୋନିଙ୍କ ବ୍ୟାଣ୍ଡ ଅଫ୍ କ୍ରିକେଟ ସମଗ୍ର ବିଶ୍ୱରେ ଚମକ ଦେଖାଇଛି। ସମସ୍ତେ ଚାହାନ୍ତି, ଧୋନି ଖେଳ ବଜାୟ ରଖନ୍ତୁ। ୨୦୦୭ରେ ଉଦ୍‌ଘାଟନୀ ଟି-୨୦ ବିଶ୍ୱକପ୍ ଟାଇଟଲ ବିଜୟ ସହ ଧୋନିଙ୍କ ନେତୃତ୍ୱ ଆରମ୍ଭ ହୋଇଥିଲା। ଏହାର ସଫଳତା ଭିତ୍ତିରେ ଭାରତରେ ଜନ୍ମ ନେଇଥିଲା ଆଇପିଏଲ୍। ଏବେ ଏହି ଟୁର୍ଣ୍ଣାମେଣ୍ଟ ବିଶ୍ୱର ସର୍ବାଧିକ ଲୋକପ୍ରିୟ ଓ ବିତ୍ତଶାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭାବେ ପ୍ରତିଷ୍ଠା ଲାଭ କରିଛି। ଏଥିରେ ଧୋନିଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ମଧ୍ୟ ରହିଛି। ସେ ଯେପରି ଭାବେ ମ୍ୟାଚ୍ ପରିଚାଳନା କରନ୍ତି, ଠିକ୍ ସେହିପରି ମ୍ୟାଚ୍ ଫିନିସ୍ କରିଥାନ୍ତି। ତାଙ୍କ ନେତୃତ୍ୱର ଚମକରେ ମଧ୍ୟ ସମର୍ଥକ ପ୍ରଭାବିତ ହୋଇଛନ୍ତି। ଓ୍ୱିକେଟ ପଛରେ ତାଙ୍କର ଯାଦୁ କାହାରିକୁ ଅଛପା ନାହିଁ। ତାଙ୍କର ଥଣ୍ଡା ମିଜାଜ୍‌କୁ ମଧ୍ୟ ଅନେକ ଗ୍ରହଣ କରିଥାନ୍ତି। ଯାହାକୁ ଦର୍ଶକଙ୍କୁ ଆଇପିଏଲ୍ ଦେଖିବା ଲାଗି ଉତ୍ସାହ ଯୋଗାଇଛି।

ବିଶ୍ୱର ଜଣେ ଶ୍ରେଷ୍ଠ ଫିନିସର ଭାବେ ପ୍ରତିଷ୍ଠା ଲାଭ କରିଥିବା ମହେନ୍ଦ୍ର ସିଂ ଧୋନି ଆଇପିଏଲ୍‌ରେ ୧୯୦ଟି ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ଚମତ୍କାର ଓ୍ୱିକେଟ କିପିଙ୍ଗ ସହ ୪,୪୩୨ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇଛନ୍ତି। ତାଙ୍କର ଏହି ସବୁ ଗୁଣଲାଗି କେବଳ ଟ୍ୱିଟରରେ ଥିବା ଫ୍ୟାନ୍ କ୍ଲବ୍‌ରେ ୨ଲକ୍ଷ ଫଲୋଅର୍ସ ଅଛନ୍ତି। ଧୋନି ଚେନ୍ନାଇ ସୁପର କିଙ୍ଗ୍‌ସର ଯୋଜନାର ମୁଖ୍ୟ ଭାଗୀଦାର। ଆମେ ତାଙ୍କୁ ଅତିକମ୍‌ରେ ୨୦୨୨ ଯାଏ ଚେନ୍ନାଇ ପକ୍ଷରୁ ଆଇପିଏଲ୍‌ରେ ଖେଳିବା ଦେଖିବାକୁ ଚାହୁଁଛୁ ବୋଲି ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାଶି ବିଶ୍ୱନାଥ କହିଛନ୍ତି।

କିନ୍ତୁ ୟୁଏଇରେ ପହଞ୍ଚିବା ପରେ ଚେନ୍ନାଇ ଭଲ ଖବରରେ ରହିନାହିଁ। ପ୍ରଥମେ ଏହି ଟିମ୍‌ର ୨ଜଣ ଖେଳାଳିଙ୍କ ସମେତ ୧୩ଜଣ କୋଭିଡ୍ ପଜିଟିଭ୍ ହୋଇଥିବା ଜଣାପଡ଼ିଥିଲା। ଏହା ପରେ ସିନିୟର ବ୍ୟାଟ୍ସମ୍ୟାନ୍ ସୁରେଶ ରାଇନା ଓ ସ୍ପିନର ହରଭଜନ ସିଂ ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଥିଲେ। ଏହା କିନ୍ତୁ ଚେନ୍ନାଇର ଲୋକପ୍ରିୟତାରେ ଆଞ୍ଚ ଆଣିନି। ଧୋନି ହେଉଛନ୍ତ ଟିମ୍‌ର ବଳ। ତାଙ୍କ ଉପରେ ଚେନ୍ନାଇ ସମ୍ପୂର୍ଣ୍ଣ ନିର୍ଭରଶୀଳ ବୋଲି ପୂର୍ବତନ ଖେଳାଳି ତଥା ଭାଷ୍ୟକାର ଆକାଶ ଚୋପ୍ରା କହିଛନ୍ତି। ଏହା ସତ୍ତ୍ୱେ ୨୦୧୫ରେ ଧୋନି ଓ ଚେନ୍ନାଇ ବିବାଦରେ ଛନ୍ଦି ହୋଇ ୨ବର୍ଷ ଲାଗି ଆଇପିଏଲ୍‌ରୁ ବାଦ୍ ପଡ଼ିବା, ୩୫ ବର୍ଷରୁ ଏକାଧିକ ଉର୍ଦ୍ଧ୍ୱ ଖେଳାଳିଙ୍କୁ ଦଳରେ ସାମିଲ କରି ମିଡିଆ ଦ୍ୱାରା ଡାଡ୍ ଆର୍ମି ଭାବେ ବିବେଚିତ ହେବା ଆଦି ଏହାର ସଫଳତାରେ ପ୍ରଭାବ ପକାଇପାରିନି। ଏତେ ଅସୁବିଧା ସତ୍ତ୍ୱେ ବାସନ୍ଦରୁ ଫେରିବା ପରେ ୨୦୧୮ରେ ଧୋନି ସିଏସ୍‌କେକୁ ଚାମ୍ପିଅନ୍ କରାଇଥିଲେ। ଏଣୁ ହର୍ଷ ଭୋଗ୍‌ଲେଙ୍କ ମତରେ 'ଧୋନି ହେଉଛନ୍ତି ଚେନ୍ନାଇ, ଚେନ୍ନାଇ ହେଉଛି ଧୋନି। ଧୋନି ଭଲ କଲେ, ଚେନ୍ନାଇ ଭଲ କରିବ'। ଏଣୁ ଧୋନି ଓ ଚେନ୍ନାଇ ସୁପର କିଙ୍ଗ୍‌ସର ସଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ଅବିହିତ କରାଯାଇପାରେ।

ବୁମ୍‌ରା ବିଶ୍ୱର ଶ୍ରେଷ୍ଠ ଟି-୨୦ ବୋଲର୍: ପାଟିନସନ୍

ଦୁବାଇ,୧୫।୯/ଏଜେନ୍ସି: ଆଇପିଏଲର ତ୍ରୟୋଦଶ ସଂସ୍କରଣ ଆସନ୍ତା ଶନିବାରଠାରୁ ୟୁଏଇରେ ଆରମ୍ଭ ହେଉଥିବା ବେଳେ ଡିଫେଣ୍ଡିଙ୍ଗ୍ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିବା ସକାଶେ ଅଷ୍ଟ୍ରେଲୀୟ ପେସର୍ ଜେମ୍ସ ପାଟିନସନ୍ ପ୍ରସ୍ତୁତ ହୋଇସାରିଛନ୍ତି। ଦଳର ପୁରୁଖା ବୋଲର୍ ଲାସିଥ୍ ମାଲିଙ୍ଗା ବ୍ୟକ୍ତିଗତ କାରଣରୁ ସଂସ୍କରଣରୁ ଓହରିଯିବା ଫଳରେ ତାଙ୍କ ସ୍ଥାନରେ ପାଟିନସନ୍‌ଙ୍କୁ ଦଳରେ ସାମିଲ୍ କରାଯାଇଛି। ଇତିମଧ୍ୟରେ ସେ ୟୁଏଇରେ ପହଞ୍ଚି ତାଙ୍କର ୬ ଦିନର କ୍ୱାରେଣ୍ଟାଇନ୍ ପିରିଅଡ୍ ଶେଷ କରି ଟିମ୍ ସହ ସୋମବାର ଯୋଗ ଦେଇଛନ୍ତି।

କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ପକ୍ଷରୁ ପୂର୍ବରୁ ଆଇପିଏଲ୍ ଖେଳିସାରିଥିବା ପାଟିନସନ୍ ମଙ୍ଗଳବାର ମୁମ୍ବାଇ ଇଣ୍ଡିଆନ୍ସର ଅଫିସିଆଲ୍ ଟ୍ୱିଟର୍ ହ୍ୟାଣ୍ଡଲରେ ଏକ ଭିଡିଓ ଅପଲୋଡ୍ କରିଛନ୍ତି। ଉକ୍ତ ଭିଡିଓରେ ସେ ଭାରତର ପ୍ରମୁଖ ପେସର୍ ଜସପ୍ରୀତ୍ ବୁମରାଙ୍କୁ ସର୍ବଶ୍ରେଷ୍ଠ ଟି-୨୦ ବୋଲର୍ ବୋଲି ଅଭିହିତ କରିଛନ୍ତି। ନେଟ୍‌ସରେ ବୁମରା ଓ କିଓ୍ୱି ପେସର୍ ଟ୍ରେଣ୍ଟ ବୋଲ୍ଟଙ୍କ ସହ ଅଭ୍ୟାସ ବେଳେ ନିଜର ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି ଯେ ବର୍ତ୍ତମାନ ସମୟରେ ବିଶ୍ୱର କେତେକ ପ୍ରମୁଖ ବୋଲରଙ୍କ ସହ ଅଭ୍ୟାସ କରିବାର ସୁଯୋଗ ମିଳିଛି। ସେମାନଙ୍କ ସହ ଖେଳିବାର ଅଭିଜ୍ଞତା ଆଗାମୀ ଦିନରେ ଯଥେଷ୍ଟ ସହାୟକ ହେବ ବୋଲି ପାଟିନସନ୍ କହିଛନ୍ତି। ସେହିପରି ୟୁଏଇରେ ଓ୍ୱିକେଟ୍ ସମ୍ପର୍କରେ ମତ ଦେଇ ପାଟିନସନ୍ କହିଛନ୍ତି, ଏଠାରେ ପୂର୍ବରୁ ମୁଁ କେତେକ ଦିନିକିଆ ଖେଳିଥିବାରୁ ଏଠାକାର ପରିବେଶ ସହ ବେଶ୍ ପରିଚିତ। ବର୍ତ୍ତମାନ ସମୟରେ ପିଚ୍‌ଗୁଡ଼ିକ ବେଶ୍ ଶୁଷ୍କ ଓ ସମଗ୍ର ଟୁର୍ଣ୍ଣାମେଣ୍ଟ୍ ପାଇଁ ମାତ୍ର ୩ଟି ପିଚ୍‌ର ଉପଯୋଗ କରାଯିବ। ତେଣୁ ପିଚ୍‌ଗୁଡ଼ିକ କ୍ରମଶଃ ମନ୍ଥର ହେବାର ସମ୍ଭାବନା ରହିଛି। ଫଳସ୍ୱରୂପ ଏହା ମନ୍ଥର ଗତିର ବୋଲରଙ୍କୁ ସୁହାଇବ ବୋଲି ପାଟିନସନ୍ କହିଛନ୍ତି। ଟି-୨୦ରେ ଜଣେ ପେସର୍ ପାଇଁ ସର୍ବାଧିକ ଗତିରେ ବୋଲିଂ କରିବା ସହ ମଝିରେ ମଝିରେ ଗତି ପରିବର୍ତ୍ତନର ମଧ୍ୟ ଆବଶ୍ୟକତା ରହିଛି। ଦଳର ପ୍ରଥମ ମ୍ୟାଚ୍‌କୁ ଆଉ ମାତ୍ର ୩ ଦିନ ବାକି ଥିଲେ ହେଁ ସେ ମ୍ୟାଚ୍ ବେଳକୁ ନିଜକୁ ପ୍ରସ୍ତୁତ କରିନେବେ ବୋଲି ପାଟିନସନ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

'ଦି ହଣ୍ଡ୍ରେଡ୍' ପାଇଁ ମହିଳା ଖେଳାଳିଙ୍କୁ ଚୁକ୍ତି ବଜାୟ ରଖିବାର ସୁଯୋଗ ଦେଲା ଇସିବି

ଲଣ୍ଡନ,୧୫।୯/ଏଜେନ୍ସି: ଚଳିତ ବର୍ଷ ଜୁଲାଇ ମଧ୍ୟଭାଗରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ଏଣ୍ଡ୍ ଓ୍ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ନୂଆ ଫର୍ମାଟ୍ କ୍ରିକେଟ୍ ଲିଗ୍ 'ଦି ହଣ୍ଡ୍ରେଡ୍' କରୋନା ଭୂତାଣୁ ସଂକ୍ରମଣ କାରଣରୁ ଆସନ୍ତା ବର୍ଷକୁ ଘୁଞ୍ଚାଇ ଦିଆଯାଇଛି। ଉଭୟ ମହିଳା ଓ ପୁରୁଷ ବର୍ଗରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଖେଳାଳିମାନେ ଆଗାମୀ ବର୍ଷ ପର୍ଯ୍ୟନ୍ତ ନିଜ ନିଜ ଟିମ୍ ସହ ଥିବା ଚୁକ୍ତିକୁ ବଜାୟ ରଖିପାରିବେ ବୋଲି ଇସିବି ପକ୍ଷରୁ କୁହାଯାଇଛି। ଆମେରିକୀୟ କ୍ରୀଡ଼ା ଢାଞ୍ଚାରେ ଖେଳାଯିବାକୁ ଥିବା ଏହି କ୍ରିକେଟ୍ ଲିଗ୍‌ରେ ଖେଳାଳିମାନଙ୍କୁ ସେମାନଙ୍କ ଚୁକ୍ତି ବଜାୟ ରଖିବାର ସୁଯୋଗ ଦିଆଯିବ। ଯେଉଁ ଖେଳାଳି ଚୁକ୍ତି ବାତିଲ୍ କରିବେ, ସେମାନେ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେଉଥିବା ପ୍ରକ୍ରିୟାରେ ଅନ୍ୟ ଟିମ୍ ପକ୍ଷରୁ ଖେଳିବା ସକାଶେ ଚୁକ୍ତିବଦ୍ଧ ହୋଇପାରିବ ବୋଲି ଇସିବି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। କୋଭିଡ୍-୧୯ ଖେଳାଳିମାନଙ୍କ ମଧ୍ୟରେ ଏକ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରିଛି। ଦ ହଣ୍ଡ୍ରେଡରେ ଭାଗ ନେବାକୁ ଥିବା ମହିଳା ଖେଳାଳିମାନଙ୍କୁ ଆଶ୍ୱାସନା ଦେବା ସକାଶେ ସେମାନଙ୍କ ନିକଟରେ ଚୁକ୍ତି ବଜାୟ ରଖିବାର ବିକଳ୍ପ ଉପଲବ୍ଧ ରହିବ ବୋଲି ଦ ହଣ୍ଡ୍ରେଡ୍ ମହିଳା ବିଭାଗର ମୁଖ୍ୟ ବେଥ୍ ବାରେଟ୍-ଓ୍ୱାଇଲ୍‌ଡ କହିଛନ୍ତି। ସେହିପରି ଇଂଲଣ୍ଡ ମହିଳା ଦଳର ପେସର୍ ଆନ୍ୟା ଶ୍ରୁବସୋଲ୍ ଏତେ ସଂଖ୍ୟକ ଖେଳାଳି ସେମାନଙ୍କ ଟିମ୍ ବଦଳାଇବାର ସମ୍ଭାବନା କ୍ଷୀଣ ବୋଲି କହିଛନ୍ତି। ସେ କହିଛନ୍ତି ଯେ ୨୦୨୧ରେ ହେବାକୁ ଥିବା ଏହି ପ୍ରତିଯୋଗିତା ଖେଳିବା ସକାଶେ ଚୁକ୍ତିବଦ୍ଧ ଖେଳାଳିଙ୍କ ମଧ୍ୟରୁ ଅଳ୍ପସଂଖ୍ୟକ ଟିମ୍ ବଦଳାଇପାରନ୍ତି। କାରଣ ସେମାନେ ଚୁକ୍ତିବଦ୍ଧ ହୋଇଥିବା ଟିମ୍ ସହ ପ୍ରତିଯୋଗିତା ଆରମ୍ଭ କରିବାକୁ ନିଶ୍ଚିତ ଚାହିଁବେ। ତେଣୁ ଅଳ୍ପସଂଖ୍ୟକ ଖେଳାଳି ଦଳ ବଦଳ କରିପାରନ୍ତି ବୋଲି ଶ୍ରୁବସୋଲ୍ କହିଛନ୍ତି।

ନିର୍ଦ୍ଧାରିତ ସମୟରେ ହେବ ଡେନ୍‌ମାର୍କ କପ୍

୨୦୨୧ ପର୍ଯ୍ୟନ୍ତ ଥୋମାସ୍ ଓ ଉବେର୍ କପ୍ ସ୍ଥଗିତ

ଆରହସ୍(ଡେନ୍‌ମାର୍କ),୧୫।୯/ଏଜେନ୍ସି: କରୋନା ଭୂତାଣୁ ସଂକ୍ରମଣ କାରଣରୁ ଚଳିତ ବର୍ଷ ମାର୍ଚ୍ଚରୁ ଅଦ୍ୟାବଧି ଅନେକ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍ ବାତିଲ୍ ହୋଇଛି ଅବା ସ୍ଥଗିତ ରହିଛି। ଏହି କାରଣରୁ କରୋନା ପରବର୍ତ୍ତୀ ସ୍ଥିତିରେ କ୍ରୀଡ଼ା ଜଗତ ସାମାନ୍ୟ ସ୍ୱାଭାବିକ ହେବା ପରେ ବ୍ୟାଡ୍‌ମିଣ୍ଟନ୍ ୱାର୍ଲ୍ଡ ଫେଡେରେସନ୍ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ୨୦୨୦ ସିଜନ କ୍ୟାଲେଣ୍ଡରରେ କେତେକ ପରିବର୍ତ୍ତନ କରାଯାଇଥିଲା। ଏଥି ମଧ୍ୟରେ ଥୋମାସ୍ ଓ ଉବେର୍ କପ୍ ଅନ୍ୟତମ। ଏହି ପ୍ରତିଯୋଗିତାରୁ ପୂର୍ବରୁ ଦୁଇ ଥର ସ୍ଥଗିତ ରହିବା ପରେ ଶେଷରେ ଅକ୍ଟୋବର ୩ ତାରିଖରୁ ଏଠାରେ ଖେଳାଯିବା ସକାଶେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଟୁର୍ଣ୍ଣାମେଣ୍ଟ୍ ଖେଳିବା ସକାଶେ ଏକାଧିକ ଟିମ୍ ଅନାଗ୍ରହ ଦେଖାଇବାରୁ ଶେଷରେ ବିଡବ୍ଲ୍ୟୁଏଫ୍‌କୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଛି। ଏହି ଟୁର୍ଣ୍ଣାମେଣ୍ଟଟି ଚଳିତ ବର୍ଷ ଆୟୋଜିତ ହେବ ନାହିଁ। ତେଣୁ ଏହାକୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବା ନେଇ ବିଡବ୍ଲ୍ୟୁଏଫ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। କିନ୍ତୁ ଥୋମାସ୍ ଓ ଉବେର୍ କପ୍ ପରେ ଡେନମାର୍କରେ ଆୟୋଜିତ ହେବାକୁ ଥିବା ଦୁଇଟି ସୁପର୍ ୭୫୦ ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ଅକ୍ଟୋବର ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ଡେନ୍‌ମାର୍କ ଓପନ୍ ଆୟୋଜିତ ହେବ। କିନ୍ତୁ ଅନ୍ୟତମ ପ୍ରତିଯୋଗିତା ଡେନ୍‌ମାର୍କ ମାଷ୍ଟର୍ସ ଆୟୋଜିତ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟଟି ଅକ୍ଟୋବର ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାର ଥିଲା। ତୃତୀୟ ଥର ପାଇଁ ଥୋମାସ୍ ଓ ଉବେର୍ କପ୍ ସ୍ଥଗିତ ରହିଥିଲେ ହେଁ ପୂର୍ବରୁ ଭାରତ ଏହି ପ୍ରତିଯୋଗିତା ସକାଶେ ଉଭୟ ମହିଳା ଓ ପୁରୁଷ ଦଳର ଘୋଷଣା କରିସାରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ବ୍ୟାଡ୍‌ମିଣ୍ଟନ୍ ପାୱାର୍‌ହାଉସ୍ ଭାବେ ପରିଚିତ ଥାଇଲାଣ୍ଡ ଓ ଇଣ୍ଡୋନେସିଆ ପରି ୭ଟି ଟିମ୍ ଅନାଗ୍ରହ ପ୍ରକାଶ କରିଥିଲେ।

ଏହାଛଡ଼ା ଚୀନ୍ ମଧ୍ୟ ନିଜର ଅଂଶଗ୍ରହଣ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦେଇ ନ ଥିଲା। ଫଳସ୍ୱରୂପ ଓହରିଯାଇଥିବା ଟିମ୍ ସ୍ଥାନରେ ବିଡବ୍ଲ୍ୟୁଏଫ୍ ପକ୍ଷରୁ ହଂକଂ, ସିଙ୍ଗାପୁର ଏବଂ ଫିନଲାଣ୍ଡ୍ ଓ ସ୍ୱିଡେନ୍ ପରି ୟୁରୋପୀୟ ଟିମ୍‌କୁ ଅଂଶଗ୍ରହଣ କରିବା ସକାଶେ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ମଙ୍ଗଳବାର ଏହି ଟୁର୍ଣ୍ଣାମେଣ୍ଟ୍ ଆୟୋଜନ କରିବା ସକାଶେ ବିଡବ୍ଲ୍ୟୁଏଫ୍ ନିଜର ଅସାମର୍ଥ୍ୟତା ପ୍ରକାଶ କରିଛି। ଏ ସଂକ୍ରାନ୍ତରେ ଟୁର୍ଣ୍ଣାମେଣ୍ଟ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ସହ ବ୍ୟାପକ ଆଲୋଚନା ପରେ ଏପରି ନିଷ୍ପତ୍ତି ନିଆଯାଇଥିବା ବିଡବଲ୍ୟୁଏଫ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗୋଟିଏ ପରେ ଗୋଟିଏ ଟିମ୍ ଓହରିଯିବା ପରେ ଭାରତର ପ୍ରମୁଖ ମହିଳା ଖେଳାଳି ସାଇନା ନେହ୍ୱାଲ୍ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ ଉପରେ ପ୍ରଶ୍ନବାଚୀ ଲଗାଇଥିଲେ।

କଳିଙ୍ଗରେ ଖେଲୋ ଇଣ୍ଡିଆ ଏକ୍ସିଲେନ୍ସ ସେଣ୍ଟର

ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍: ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଦେଶର ପ୍ରଥମ ୮ଟି ଖେଲୋ ଇଣ୍ଡିଆ ଷ୍ଟେଟ ସେଣ୍ଟର ଅଫ୍ ଏକ୍ସଲେନ୍ସ (କେଆଇଏସସିଇ) ଭାବରେ ନାମିତ କରାଯାଇଛି। ଏହା ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଫ୍ଲାଗସିପ୍ ପ୍ରତିଭା ଚିହ୍ନଟ ଏବଂ ପୋଷଣ କାର୍ଯ୍ୟକ୍ରମ ଖେଲୋ ଇଣ୍ଡିଆର ଅନ୍ତର୍ଭୁକ୍ତ ହୋଇଛି । ୪ ବର୍ଷ ମଧ୍ୟରେ ମୋଟ ବଜେଟ୍ ୧୨.୦୨ କୋଟି ଟଙ୍କା ବ୍ୟୟରେ କଳିଙ୍ଗ ଷ୍ଟାଡିୟମକୁ ନବୀକରଣ କରାଯିବ ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ଭିତ୍ତିଭୂମି ନବୀକରଣ, କ୍ରୀଡା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ଏବଂ ଗୁଣାତ୍ମକ ପ୍ରଶିକ୍ଷଣ ସାଙ୍ଗକୁ ଫିଜିଓଥେରାପିଷ୍ଟ, କ୍ରୀଡ଼ା ବିଶେଷଜ୍ଞ ନିଯୁକ୍ତ ହେବେ। ଖେଳାଳିମାନଙ୍କୁ ଉଚ୍ଚମାନର ଉପକରଣ ମଧ୍ୟ ଯୋଗାଇ ଦିଆଯିବ। ଏହାର ସୁପରିଚାଳନା ନିଶ୍ଚିତ କରିବାକୁ ଏକାଡେମୀରେ ଉଚ୍ଚ କାର୍ଯ୍ୟଦକ୍ଷତା ସଂପନ୍ନ ପରିଚାଳକ ମଧ୍ୟ ରହିବେ ।

କେନ୍ଦ୍ର କ୍ରୀଡା ମନ୍ତ୍ରଣାଳୟ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କ୍ରୀଡା ଭିତ୍ତିଭୂମିକୁ ନବୀକରଣ କରୁଛି, ରାଜ୍ୟର ସହଭାଗିତାରେ ଏବଂ ସମଗ୍ର ଦେଶରେ ଏକ ଦୃଢ଼ କ୍ରୀଡ଼ା ଇକୋସିଷ୍ଟମ୍ ସୃଷ୍ଟି କରିବା ଲକ୍ଷ୍ୟରେ କେଆଇଏସସିଇ ଗଠନ ହୋଇଛି। ପ୍ରଥମ ପାଦରେ ଓଡ଼ିଶାର ଭୁବନେଶ୍ୱରରେ ଥିବା ୮ଟି କେଆଇଏସସିଇ ଚିହ୍ନଟ କରାଯାଇଛି। ଅନ୍ୟ କେଆଇଏସସିଇଗୁଡିକ ମିଜୋରାମ, ତେଲେଙ୍ଗାନା, ମଣିପୁର, ନାଗାଲାଣ୍ଡ, ଅ